## ସଂକ୍ଷେପରେ

### ନକଲି ସାର ପ୍ୟାକିଂ କେନ୍ଦ୍ରରେ ଚଢାଉ

**ଜୟପୁର,୩।୧୦(ଡି.ଏନ.ଏ )-** କୋରାପୁଟ ଜିଲା ଜୟପୁର ଡଙ୍ଗାଗୁଡା ନିକଟସ୍ଥ କୋଲନୀରେ ଚାଲିଥିବା ନକଲି ଜୈବିକ ସାର ପ୍ୟାକିଂ କେନ୍ଦ୍ରରେ ବୁଧବାର କୃଷି ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଏଥିରେ ୧୦ କିଲୋ ଓଜନର ୧୦୦ ପ୍ୟାକେଟ ନକଲି ସାର ଜବତ କରାଯାଇଛି । ଏହାର ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି । ମାତୃକୃପା ଲେଖାଯାଇଥିବା ପଲିଥିନ ବ୍ୟାଗରେ ଏହାକୁ ପ୍ୟାକିଂ କରାଯାଉଥିଲା । ଏହାର ରିପୋର୍ଟ ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ମଗାଯାଇଛି । ତଦନ୍ତ ପରେ ଥାନାରେ ଅଭିଯୋଗ କରାଯିବ ବୋଲି ସରକାରୀ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବୁରୁଡି ପ୍ରକାଶ କରିଛନ୍ତି । ଉକ୍ତ କେନ୍ଦ୍ରର ମାଲିକ ପ୍ରଦୀପ୍ତ ଦତ୍ତ କହିଛନ୍ତି ଯେ, ଏଥିରେ କୌଣସି ରସାୟନିକ ସାମଗ୍ରୀ ନାହିଁ । କେବଳ ଜୈବିକ ସାର ଭାବେ ବ୍ୟବହାର କରାଯାଉଥିଲା । ଅନ୍ୟପକ୍ଷରେ ବିନା ଲାଇସେନ୍ସ ଏବଂ ଅନୁମତିରେ ଦୀର୍ଘ ୩ ବର୍ଷ ହେଲା ସହରରେ ଏହି ପ୍ୟାକିଂ କେନ୍ଦ୍ର ଚାଲିଥିବା ବେଳେ କୃଷି ବିଭାଗ କିଭଳି ଜାଣି ନ ଥିଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲାର ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ନିମ୍ନମାନର ବିହନ କୋରାପୁଟ ଏବଂ ନବରଙ୍ଗପୁର ଜିଲା ଗୁଡିକରେ ବିକ୍ରି କରାଯାଉଥିଲେ ସୁଦ୍ଧା ବିଭାଗ ପାଖରେ କୌଣସି ସୂଚନା ନାହିଁ ।

# ମାଓବାଦୀ କମାଣ୍ଡରଙ୍କ ଆତ୍ମସମର୍ପଣ

**ମାଲକାନଗିରି,୩।୧୦(ଡି.ଏନ୍.ଏ.)**

ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାର ଭଦ୍ରାଚଳମ୍ ସିଆରପିଏଫ୍ ୩୯ ବାଟାଲିୟନ୍ ନିକଟରେ ମାଓବାଦୀ କମାଣ୍ଡର ସେଲବମ୍ ଏରୁମାୟା ଓରଫ ରାମା ରାଓ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାଁରେ ୭ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ମାଓବାଦୀ ସଙ୍ଗଠନରେ ଆଉ ପୂର୍ବ ଭଳି ଆଦର୍ଶ ନାହିଁ। ଏଥିସହ ସରକାରଙ୍କ ଜନହିତକର କାର୍ଯ୍ୟରେ



ପୋଲିସ ଗହଣରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ପ୍ରଭାବିତ ହୋଇ ସେ ସଙ୍ଗଠନ ଛାଡିଥିବା କହିଛନ୍ତି। ପ୍ରକାଶ ଯେ, ରାମା ରାଓ ୨୦୦୫ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ସେ ବିଜାପୁର, ସୁକ୍‌ମା ଅଞ୍ଚଳରେ ଡେପୁଟି କମାଣ୍ଡର ଭାବେ କାମ କରୁଥିଲେ। ଓଡ଼ିଶାରେ ଘଟିଥିବା ବିଭିନ୍ନ ମାଓବାଦୀ ଆକ୍ରମଣରେ ତାଙ୍କ ହାତ ଥିଲା। ଦାମନଯୋଡି ହିଲଟପ୍ ମାଇନ୍ସ ଆକ୍ରମଣ, କୋରାପୁଟ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ହୋଇଥିବା ଆକ୍ରମଣରେ ସେ ସମ୍ପୃକ୍ତ ଥିଲେ। ସେହିଭଳି ଛତିଶଗଡର ଚିତାଗୁଫା ସିଆର୍‌ପିଏଫ୍ କ୍ୟାମ୍ପରେ ଆକ୍ରମଣ, ବଡିଗୁଟେମ୍, କମାରପାଲ୍ଲୀ, ଉତାପାଡୁରେ ପୋଲିସ ସହ ଗୁଳି ବିନିମୟରେ ମଧ୍ୟ ସେ ସାମିଲ ଥିଲେ।




■ ୬୫ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ

# ପର୍ବପର୍ବାଣିରେ ପାରମ୍ପରିକ ଶିକାର ବନ୍ଦ ଆହ୍ୱାନ

**କୋରୁକୋଣ୍ଡା, ୩।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲା ବନବିଭାଗ ପକ୍ଷରୁ ଗୁରୁବାର ୬୫ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ କୋରୁକୋଣ୍ଡା ବ୍ଲକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଡିଏଫ୍‌ଓ ପ୍ରଦୀପ ଦେବୀଦାଶ ମିରାଶେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜଙ୍ଗଲ ବିନା ବନ୍ୟପ୍ରାଣୀ ସଂରକ୍ଷଣ ଅସମ୍ଭବ। ଉଜୁଡା ଜଙ୍ଗଲ ପୁନରୁଦ୍ଧାର ଏବଂ ପ୍ରାକୃତିକ ଜଙ୍ଗଲ ଅଭିବୃଦ୍ଧି ଘଟିଲେ ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ କହିଥିଲେ। ପ୍ରତ୍ୟେକ ପିଲା ନିଜ ଘରେ ୧୦ଟି ଗଛ ଲଗାଇବା ଜରୁରୀ ବୋଲି ସେ କହିଥିଲେ। ବିଭିନ୍ନ ପର୍ବପର୍ବାଣିରେ ପାରମ୍ପରିକ ଶିକାର ବନ୍ଦ କରିବାକୁ ସେ ଆହ୍ୱାନ ଦେଇଥିଲେ। ସ୍କୁଲର ୫୦୦ରୁ



ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଦେବାକୁ ଛାତ୍ରୀମାନେ ଶପଥ ନେଉଛନ୍ତି।

ଊର୍ଦ୍ଧ୍ୱ ଛାତ୍ରୀ ଏକ ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କରିଥିଲେ। ଡିଏଫ୍‌ଓ ମିରାଶ ଛାତ୍ରୀଛାତ୍ରମାନଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ଜଗଦୀଶ ପଟ୍ଟନାୟକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ପାତ୍ର, କୋରୁକୋଣ୍ଡା ଏବିଇଓ ଗାୟତ୍ରୀ ଦେବୀ, ପ୍ରଧାନ ଶିକ୍ଷୟିତ୍ରୀ କସ୍ତୁରବା ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ବଳରାମ ସ୍ୱାଇଁ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ନେତ୍ରାନନ୍ଦ ଲେଙ୍କା ଉପସ୍ଥିତ ଥିଲେ। ମାଲକାନଗିରିରେ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥିବା ବାଲିମେଲା ବନପାଳ ଶିବାନନ୍ଦ ଲେଙ୍କାଙ୍କୁ ମାନପତ୍ର ସହ ୫୦୦୦ ଟଙ୍କାର ଚେକ ମୁଖ୍ୟଅତିଥି ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ବନ୍ୟଜନ୍ତୁ ସମ୍ବନ୍ଧୀୟ ଚିତ୍ରାଙ୍କନ, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତାର ୧୧ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାଲିମେଲା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇ ପରିଚାଳନା କରିଥିଲେ। ସହକାରୀ ବନ ସଂରକ୍ଷକ ଧନ୍ୟବାଦ ଦେଇଥିଲେ।

## ପୋଲିସର ଯାନବାହନ ଯାଞ୍ଚ : ୧୦ହଜାର ଦଣ୍ଡ ଆଦାୟ

**ପାରଳାଖେମୁଣ୍ଡି,୩।୧୦(ସ୍ୱପ୍ର)**

ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଗୁରୁବାର ସହର ଉପକଣ୍ଠସ୍ଥ ଦେବିତୀ ଗ୍ରାମ ମୁଖ୍ୟ ରାସ୍ତାରେ ଯାନବାହନ ଯାଞ୍ଚ କରାଯାଇ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଏସ୍‌ଆଇ ପୀତବାସ ଶତପଥୀ ଏବଂ ଟିମ୍ ବିଭିନ୍ନ ଯାନବାହନର ସିଟ୍ ବେଲ୍ଟ, ହେଲ୍‌ମେଟ୍, ଡ୍ରାଇଭିଂ ଲାଇସେନ୍ସ, ବୀମା ଆଦି ଯାଞ୍ଚ କରିବା ସମୟରେ ଏହି ଦଣ୍ଡ ଆଦାୟ କରାଯାଇଥିବା ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

LAND / PLOTS FOR SALE
Agricultural Land / Plots having an area near about 9 Acres near Lingaraj Coal Mines, Situated at Village - Deaulbera, P.S- Colliery, Talcher, Dist.-Angul (Odisha)
For further Quarries and Information :- Please Contact, Mob No.- 07126723000, E-mail : admin@mahamin.in

ଜମି/ପ୍ଲଟ୍ ବିକ୍ରି ହେବ
ଅନୁଗୁଳ ଜିଲ୍ଲା, ତାଳଚେର ବ୍ଲକ, କୋଲିୟାରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମରେ (ଲିଙ୍ଗରାଜ କୋଇଲା ଖଣି ନିକଟରେ) ଥିବା ପ୍ରାୟ ୯ଏକର ଜମି/ପ୍ଲଟ୍ ବିକ୍ରି ହେବ।
ଆଗ୍ରହୀ ବ୍ୟକ୍ତି ବିଶେଷ ଉକ୍ତ ଫୋନ୍ ନଂ.ରେ ଯୋଗାଯୋଗ କରିପାରିବେ
Ph. No.07126723000
E-mail : admin@mahamin.in

# ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବରେ ଯୁବକବି ସମ୍ବର୍ଦ୍ଧିତ



ଅତିଥି କବି ବଳରାମଙ୍କୁ ପୁରସ୍କୃତ କରୁଛନ୍ତି।

**କୁଡୁମୁଲୁଗୁମା, ୩।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ଯୁବକବି ବଳରାମ ପୂଜାରୀଙ୍କୁ ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବରେ 'ନୀଳଚକ୍ର ନବଜ୍ୟୋତି' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୌଦ୍ଧ ନୀଳଚକ୍ର ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଓ ବାଚସ୍ପତି ପ୍ରଦୀପ କୁମାର ଅମାତ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ବିଦେଶୀ ନାୟକ, କବି ଡ. ହୃଷିକେଶ ମଲ୍ଲିକ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କବିତା 'ଅଧିନାୟକ ଜୟ ହେ' ଓ କବିତା ସଂକଳନ 'ଶବ୍ଦବ୍ରହ୍ମ' ପାଇଁ ବଳରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପରେ ବଳରାମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

# ଯାନବାଇରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ

**ଚିତ୍ରକୋଣ୍ଡା, ୩।୧୦(ଡି.ଏନ୍.ଏ.)**

ପ୍ରଶାସନ ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ଅଣଦେଖା କରୁଥିବା ନେଇ ସ୍ଥାନୀୟ ଲୋକେ ବିଗତ ଦିନରେ ରାସ୍ତାକୁ ଓହ୍ଲାଇଥିଲେ। ସ୍ୱାଭିମାନ ଅଞ୍ଚଳର ବିକାଶ କରାଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହି କ୍ରମରେ ଗୁରୁବାର



ଜଣେ ହିତାଧିକାରୀଙ୍କୁ ସହାୟତା ଦିଆଯାଉଛି।

ସ୍ୱାଭିମାନ ଅଞ୍ଚଳ ଯାନବାଇରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସେବା ପ୍ରଦାନ ଶିବିର ଆରମ୍ଭ ହୋଇଛି। ଏଥିରେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ଆଧାର କାର୍ଡ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା। ଏଥିସହ ଭତ୍ତା, ସ୍ୱାସ୍ଥ୍ୟସେବା, ବାଦ୍ୟ ଯନ୍ତ୍ର ଓ ଖେଳ ଉପକରଣ ପ୍ରଦାନ କରାଯାଇଥିଲା। ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମାଲକାନଗିରି ଆଇଟିଡିଏ ପିଏ କ୍ଷୀରୋଦିନି ବେହେରା, ଜିଲା କୃଷି ନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଚିତ୍ରକୋଣ୍ଡା ତହସିଲଦାର ଟି.ପଦ୍ମନାଭ ଦୋରା, ଜିପିଓ ଧିରେନ ଖଣ୍ଡାଗିରି, ସିପି ସୁଧା ମଣ୍ଡଳ, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଶ୍ୱାସ-ସ୍ୱଚ୍ଛତା ଅଭିଯାନ

# ପରିବେଶକୁ ପଲିଥିନ୍ ମୁକ୍ତ କର

**ପାଣ୍ଡ୍ରିପାଣି, ୩।୧୦(ଡି.ଏନ୍.ଏ.)**

ପାଣ୍ଡ୍ରିପାଣିରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ କେ.ମଞ୍ଜୁପାତ୍ର ବିଶ୍ୱାସ-ସ୍ୱଚ୍ଛତା ଅଭିଯାନରେ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଜଳ ପରିମଳ, ପରିଷ୍କାର ଓ ପରିଚ୍ଛନ୍ନତା ନିମନ୍ତେ ୧୧ମାସିକ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି। ଡାକ୍ତର ବଳରାମ ଡୁଟୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ସହ ସମନ୍ୱୟ ରକ୍ଷା କରି ଏହା କାମ କରିବ ବୋଲି ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚ୍‌ଇଓ ମଙ୍ଗରାଜ ଡୁରୁକା କହିଛନ୍ତି। ଏହି ଯୋଜନାରେ ଗ୍ରାମ୍ୟ ସାମାଜିକ ସମ୍ବଳ ଚିହ୍ନଟିକରଣ, ଗ୍ରାମ୍ୟଭ୍ରମଣ ଏବଂ ବିଭିନ୍ନ ପରିମଳ ସର୍ବେକ୍ଷଣ କରାଯିବ। ପାଣ୍ଡ୍ରିପାଣି ବନପାଳ ମୋହନ ପରିବଶେକୁ ପଲିଥିନ୍‌ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭ୍ୟା ଦହନା ତାଙ୍ଗୁଲୁ, ପାଣ୍ଡ୍ରିପାଣି ସରପଞ୍ଚ ଶବ ଖେମୁଡୁ ଉପସ୍ଥିତ ଥିଲେ। ପାଣ୍ଡ୍ରିପାଣି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାଳିପ୍ରସାଦ ଚୌଧୁରୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।





ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।

-ସନ୍ଥ ଏକନାଥ



## ସଂକ୍ଷେପରେ

### ବିଜ୍ଞାନ ପାଠଚକ୍ର

ଜୟପୁର,୩।୧୦(ଡି.ଏନ୍.ଏ.)/(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟର ୧୮ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଜଗଦୀଶ ଚନ୍ଦ୍ର ସାହୁ ପ୍ରଥମ ହୋଇ ଜିଲାସ୍ତରୀୟ ପାଠଚକ୍ର ପାଇଁ ମନୋନୀତ ହୋଇଛନ୍ତି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠଚକ୍ରରେ ବିଚାରକ ଭାବେ ଅବସରପ୍ରାପ୍ତ ଜିଲା ନିରୀକ୍ଷକ ଅତୁଲ୍ୟ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦିଲୀପ ପଣ୍ଡା, ଏମ୍. ଯୋଗେଶ୍ୱର, ଗୋପାଳ ମଣ୍ଡଳ, ଦେବେନ୍ଦ୍ର ପାଢ଼ୀ, କଲ୍ୟାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜ୍ଞାନ ଆଲୋଚନାଚକ୍ର




ସେମିଳିଗୁଡ଼ା,୩।୧୦(ସ୍ୱ.ପ୍ର.): ସେମିଳିଗୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକ ଓ ସୁନାବେଡ଼ା ପୌରପରିଷଦ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହାର ଶୀର୍ଷକ ଥିଲା 'ପର୍ଯ୍ୟାୟ ସାରଣୀ ଥିବା ରାସାୟନିକ ମୌଳିକ ଶୁଦ୍ଧିର ମାନବ ହିତରେ ପ୍ରଭାବ'। ବିଚାରକ ଭାବେ ସେମିଳିଗୁଡ଼ା ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧାପକ ଅଲେଖ ପ୍ରସାଦ ପଣ୍ଡା ଓ ତୁଷାରକାନ୍ତ ଭୁଜବଳ ଯୋଗ ଦେଇଥିଲେ। ପୁଙ୍ଗାର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁରଭି ପ୍ରଧାନ ୭ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ସଭାପତିତ୍ୱ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାମନ୍ତସିଂହାର, ମମତା ସଏ, ରଶ୍ମିତା ସେଠୀ, କର୍ମଚାରୀ ସୁକାନ୍ତ ଚରଣ ନାୟକ ସହଯୋଗ କରିଥିଲେ।

### ରକ୍ତଦାନ ଶିବିର

ଜୟପୁର,୩।୧୦(ଡି.ଏନ୍.ଏ.): ବୋରିଗୁମ୍ମା ବ୍ଲକ କୁମୁଲିରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅବସରରେ ଜୁନିୟର ରେଡକ୍ରସ ସୋସାଇଟି ଏବଂ ମୋ ସ୍କୁଲ ଅଭିଯାନ ପକ୍ଷରୁ ମିଳିତ ଭାବେ ରକ୍ତଦାନ ଶିବିର ଆୟୋଜନ ହୋଇଛି। ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ଗ୍ରାମବାସୀ ଏହିପରି ୪୦ଜଣ ରକ୍ତଦାନ କରିଥିଲେ। ବୋରିଗୁମ୍ମା ବିଡିଓ ପ୍ରଣୟ ରଞ୍ଜନ ବେହେରା ମୁଖ୍ୟ ଅତିଥି ଶିବିର ଉଦ୍‌ଘାଟନ କରିଥିଲେ। ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ରକ୍ତଭଣ୍ଡାରର ଡା. ସୁଦର୍ଶନ ଗୌଡ଼, ଡା. ରାଜେଶ ପାଣିଗ୍ରାହୀ, ରାଘବଚନ୍ଦ୍ର ଚିନ୍ନାରା, ମାମା ପ୍ରଧାନ, ଅଭୟ ପଣ୍ଡା ରକ୍ତ ସଂଗ୍ରହ କରିଥିଲେ। ସେହିପରି ଜିଲା ପ୍ରବର୍ତ୍ତକ ପ୍ରମୋଦ ରାଉଳ ରକ୍ତଦାତାଙ୍କୁ ଏନେଇ ସଚେତନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଲମ୍ବୋଦର ଷଡ଼ଙ୍ଗୀ, ଶିକ୍ଷକ ନବୀନ ବିଶ୍ୱାସ, ବାଳକୃଷ୍ଣ ଷଡ଼ଙ୍ଗୀ, ପୁରାତନ ଛାତ୍ର ମାଧୁରୀ ମୋହନ ହୋତା, କୃତ୍ତିବାସ ନାୟକ ଉପସ୍ଥିତ ଥିଲେ।

### କାକିରିଗୁମ୍ମାରେ ଗାନ୍ଧୀ ଜୟନ୍ତୀ



କାକିରିଗୁମ୍ମା,୩।୧୦(ଡି.ଏନ୍.ଏ.): କାକିରିଗୁମ୍ମା ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଅବସରରେ ଜେଆର୍‌ସି କାଉନସେଲର ସଞ୍ଜୀବ ବିଶୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବଜାର, ରାସ୍ତା, ଜଗନ୍ନାଥ ମନ୍ଦିର, ଡାକ୍ତରଖାନା, ପଞ୍ଚାୟତ ଅଫିସ, ବ୍ୟାଙ୍କ ଓ ଲ୍ୟାମ୍ପରେ ସଫେଇ କାର୍ଯ୍ୟ କରିଥିଲେ। ଏହା ସହ ସ୍ୱଚ୍ଛତା ରାଲି ଦ୍ୱାରା ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। ବିଦ୍ୟାଳୟରେ ଔଷଧୀୟ ଚାରାରୋପଣ ସହ ଯୋଗଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ଦେବାନନ୍ଦ ଚଣ୍ଡି, ବିଦ୍ୟା ବିନୋଦିନୀ ସେଠୀ, ବିଷ୍ଣୁପ୍ରିୟା ବିଶୋଇ, ଜି. ସୁଜାତା, କେ. ଗଙ୍ଗୋତ୍ରୀ, ଜ୍ୟୋସ୍ନାରାଣୀ ସହାୟତା କରିଥିଲେ।

# ଫୋନ୍ ଟ୍ରାକିଂରେ ୬ ଜଣଙ୍କୁ ଧରିଲା ପୋଲିସ

**ନନ୍ଦିଗାଁ ଡକାୟତି ଘଟଣା**



ଗିରଫ ୬ ଡକାୟତ।

କୋରାପୁଟ,୩।୧୦(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଦଶମନ୍ତପୁର ବ୍ଲକ ନନ୍ଦିଗାଁରେ ଗତ ସେପ୍ଟେମ୍ବରରେ ବଡ଼ଧରଣର ଡକାୟତି ହୋଇଥିଲା। ଏଥିରେ ସମ୍ପୃକ୍ତ ୬ ଜଣ ଡକାୟତଙ୍କୁ ଗୁରୁବାର ଗିରଫ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ବିସିଙ୍ଗପୁର ଥାନା ବି. ଜାନିଗୁଡ଼ା ଗ୍ରାମର ପବିତ୍ର ଖୋସ୍ଲା (୨୫), ନରେଶ ଖରା (୩୦), ତୁଳାରାମ ହରିଜନ (୩୮), କଦମଗୁଡ଼ା ଗ୍ରାମର ଲାଲୁ ହିଆଲ (୨୦), ପାଟସିଲ ଗ୍ରାମର ରମେଶ ଖରା (୨୪) ଓ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଝାରଖଣ୍ଡପୁର ଗ୍ରାମର ଅଞ୍ଜନ ଆଣ୍ଡା (୨୫)। ଫୋନ ଟ୍ରାକିଂ କରି ସେମାନଙ୍କୁ ଧରିଛି ପୋଲିସ। ସେମାନଙ୍କଠାରୁ ନଗଦ ୫୦ ହଜାର ଟଙ୍କା, ୨ ହଳ ସୁନା କାନଫୁଲ, ଗୋଟିଏ ନାକଫୁଲ, ମୋବାଇଲ, ୨ଟି ବାଇକ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୧୩ ତାରିଖ ବିଳମ୍ବିତ ରାତିରେ ଦଶମନ୍ତପୁର ବ୍ଲକ ନନ୍ଦିଗାଁ ଗ୍ରାମର ହାଟପଦା ନିକଟରେ ଥିବା ଶିବ ଖରା ଓ ଶୁଭମଣି ଖରାଙ୍କ ଘର କବାଟ ଭାଙ୍ଗି ୪ ଜଣ ମୁଖାପିନ୍ଧା ଡକାୟତ ପଶିବା ସହ ଭୟ ଦେଖାଇ ୭୪ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟିନେଇଥିଲେ। ଏନେଇ ଶୁଭମଣି କୋରାପୁଟ ସଦର ଥାନାରେ ଏତଲା ଦେବା ପରେ କେସ୍ ନଂ ୯୧/୨୦୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଗୁରୁବାର କୌଣସି ସୂତ୍ରରୁ ସୂଚନା ପାଇ ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସଦଳବଳେ ବିସିଙ୍ଗପୁର ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଧାରା ୩୯୫, ୪୫୬, ୧୨୦(ବି) ଅନୁଯାୟୀ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଡକାୟତି ଘଟଣାରେ ରମେଶ ଓ ପବିତ୍ର ମାଷ୍ଟର ମାଇଣ୍ଡ ବୋଲି ପୋଲିସ କହିଛି।

# ମାଥାଲପୁଟରେ ଗ୍ରାମସଭା

ଦାମନଯୋଡ଼ି,୩।୧୦(ସ୍ୱ.ପ୍ର.)

ଗାନ୍ଧୀଜୀଙ୍କ ୧୫୦ ବର୍ଷ ଜନ୍ମ ଦିବସ ପୂର୍ତ୍ତି ଅବସରରେ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭାର କରାଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ମୁରଲି ଖରା, ଏବିଡିଓ ସଦାଶିବ ଅଧିକାରୀ, ଡିଆର୍‌ଡିଏ ଏଷ୍ଟିମେଟର ଅଶୋକ ପାଣିଗ୍ରାହୀ ଓ ଜୟନ୍ତ ନାୟକ, କନିଷ୍ଠ ଯନ୍ତ୍ରୀ ସୁନୀତା ମହାରଣା ଯୋଗ ଦେଇଥିଲେ। ଚଳିତ ମାସ ୩ରୁ ୨୦ ତାରିଖ ଯାଏ ବ୍ଲକ ଓ ପଞ୍ଚାୟତ ଅଧିକାରୀ ପଲ୍ଲୀ ଅଞ୍ଚଳ ବୁଲିବୁଲି ଲୋକଙ୍କ ସମସ୍ୟା ସର୍ଭେ କରିବା ସହ ୨୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଗ୍ରାମସଭା କରାଯାଇ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ମାଥାଲପୁଟ ମାର୍କେଟ୍‌ରେ ଡଷ୍ଟବିନ୍ ଓ ପରିସ୍ରାଗାର କରାଯିବା ନେଇ ମହିଳାମାନେ ଏବିଡିଓଙ୍କୁ ସ୍ମାରକପତ୍ର ଦେଇଥିଲେ। ପାନୀୟ ଜଳ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, କୃଷି ଉପରେ ଆଲୋଚନା କରାଯାଇଥିଲା। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସହ ଗାଁ ପରିବେଶ ଓ ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ କରିବା ଏବଂ ସ୍ୱଚ୍ଛତା ହିଁ ସେବା ପାଇଁ ସଙ୍କଳ୍ପ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଥାଲପୁଟ ପିଇଓ ସୁନୀଲ ମହାରଣା, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ଗ୍ରାମସଭା ମୋବିଲାଇଜର ନର୍ମଦା ଜେନା, ଯୋଗ ଦେଇଥିଲେ। ଏହାସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କରାଯାଇଥିଲା।

# ୧୨ ଘଣ୍ଟା ପରେ ଏନ୍‌ଏଚ୍‌ରେ ଚଳାଚଳ ସ୍ୱାଭାବିକ

ପଟ୍ଟାଙ୍ଗି,୩।୧୦(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ରଡାବାଲସାରେ ପାହାଡ଼ ଅତଡ଼ା ଖସି ବୁଧବାର ସନ୍ଧ୍ୟା ପରଠାରୁ ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଗୁରୁବାର ସକାଳୁ ଦୁଇ ପାର୍ଶ୍ୱରେ ଅଟକି ରହିଥିବା ବସ୍‌ଯାତ୍ରୀ ଏବଂ ଟ୍ରକ ଡ୍ରାଇଭରଙ୍କ ଉଦ୍ୟମ ଯୋଗୁ ଅତଡ଼ା ସଫା ହେବା ପରେ ଦୀର୍ଘ ୧୨ ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ତେବେ ଅବରୋଧ ସ୍ଥାନରେ ବିଶାଖାପାଟଣା ଯାଉଥିବା ଏକ ଆମ୍ବୁଲାନ୍ସ ଫସିରହିଥିବା ବେଳେ ସେଥିରେ ଗୁରୁତର ଅସୁସ୍ଥ ଥିବା ଜଣେ ଯୁବତୀ ରହିଥିଲେ। ତାଙ୍କ ପରିବାରର ଆକୁଳତା ଦେଖି ସୁଙ୍କି ପଞ୍ଚାୟତର ଯୁବଗୋଷ୍ଠୀ ସେଠାରେ ପହଞ୍ଚି ଆମ୍ବୁଲାନ୍ସକୁ କୌଣସିମତେ ସେଠାରୁ ବାହାରକୁ ବାଟ କଢ଼ାଇ ନେଇଥିଲେ। ଉଲ୍ଲେଖଯୋଗ୍ୟ, ସେହି ରାସ୍ତାରେ ବର୍ଷା ଯୋଗୁ ବାରମ୍ବାର ଅତଡ଼ା ଖସି ଅବରୋଧ ହେଉଛି। କିନ୍ତୁ ଆନ୍ଧ୍ର ସରକାର ଏହାର ସ୍ଥାୟୀ ବ୍ୟବସ୍ଥା କରୁନାହାନ୍ତି। କୋରାପୁଟ ପ୍ରଶାସନ ରଡାବାଲସା ଘାଟି ଓଡ଼ିଶା ଅଧୀନରେ ଯାଉ ନ ଥିବା କହି ସମସ୍ୟାକୁ ଏଡ଼ାଇ ଦେଉଛି। ଫଳରେ ଅସୁବିଧା ଭୋଗୁଛନ୍ତି ଜନସାଧାରଣ।

# କୋରାପୁଟ, ଲକ୍ଷ୍ମୀପୁରରେ ବିଜେଡି ପଦଯାତ୍ରା

କୋରାପୁଟ/ଲକ୍ଷ୍ମୀପୁର, ୩।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବୁଧବାର କୋରାପୁଟ ଓ ଲକ୍ଷ୍ମୀପୁରରେ ପଦଯାତ୍ରା ଆରମ୍ଭ କରିଛି ବିଜେଡି। ଜିଲା ବିଜେଡି ସଭାପତି ତଥା ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗାନ୍ଧୀ ପାର୍କଠାରୁ ବିଶାଳ ପଦଯାତ୍ରା ବାହାରି ସହର ପରିକ୍ରମା କରିବା ପରେ କହ୍ନେଇପୁଟ ଗ୍ରାମରେ ଶେଷ ହୋଇଥିଲା। ସେଠାରେ ଆୟୋଜିତ ସଭାରେ ବିହନ ନିଗମ ଅଧ୍ୟକ୍ଷଙ୍କ ସମେତ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ରଘୁରାମ ମାଛ, ରିତା ପାଣିଗ୍ରାହୀ, ମନୋଜ ବାଘ ଉପସ୍ଥିତ ଥିଲେ। ସେହିପରି ଲକ୍ଷ୍ମୀପୁରରେ ସ୍ଥାନୀୟ ବିଧାୟକ ପ୍ରଭୁ ଜାନିଙ୍କ ନେତୃତ୍ୱରେ ଡୋଲିଆମ୍ବରୁ ପଦଯାତ୍ରା ବାହାରି ଘୋଡ଼ାବନ୍ଧ ଯାଏ ସରକାରଙ୍କ ଯୋଜନା ଉପରେ ଲୋକଙ୍କୁ ସଚେତନ କରିଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ଜିଲା ବିଜେଡି ସାଧାରଣ ସଂପାଦକ ବିଦ୍ୟାଧର ସାହୁ, ଉପସଭାପତି ନାରାୟଣ ବିଷୋୟୀ, ପ୍ରେମଚନ୍ଦ୍ର ଡଙ୍ଗ୍ରୀ, ପରଦା କୁଲେସିକା, ପ୍ରସାଦ ଖରା, ଦ୍ରୋଣ ଖୋସଲା, ପଞ୍ଚାନନ ଟାକ୍ରି, ରାଧେଶ୍ୟାମ ଜାନି ସାମିଲ ଥିଲେ ।

## ସାପ କାମୁଡ଼ାରେ ବାଳକ ମୃତ

ଦଶମନ୍ତପୁର,୩।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ସଦର ପଞ୍ଚାୟତ କୋଲାଟିଗୁଡ଼ା ଗାଁରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭିକାରୀ ମୁଦୁଲିଙ୍କ ପୁଅ ନବୀନ (୧୧)। ସେ ୬ଷ୍ଠ ଶ୍ରେଣୀର ଛାତ୍ର। ବୁଧବାର ବିଦ୍ୟାଳୟ ଛୁଟି ଥିବାରୁ ସାଙ୍ଗମାନଙ୍କ ସହ ସେ ଦିନ ୧୧ଟାରେ ପାଖ ନାଳକୁ ଗାଧୋଇବା ପାଇଁ ଯାଉଥିଲେ। ଜମିହୁଡ଼ା ଡେଇଁ ଯାଉଥିବା ବେଳେ ତାଙ୍କୁ ସାପ କାମୁଡ଼ିଥିଲା। ସାଙ୍ଗମାନେ ତାଙ୍କୁ ଅଚେତ ଅବସ୍ଥାରେ ଟେକିଧରି ଘରକୁ ନେଇଥିଲେ। କିନ୍ତୁ ପରିବାର ଲୋକେ ନବୀନ କଣ୍ଟା ମାଡ଼ିଦେଇଥିବାରୁ ଗୋଡ ଫୁଲିଥିବା ଭାବି ରହିଯାଇଥିବା ମା' ପଦ୍ମିନୀ କହିଥିଲେ। କିନ୍ତୁ ପରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ତହସିଲଦାର ଅଜୟ ପ୍ରକାଶ ତିର୍କି ରିପୋର୍ଟ ଆସିବା ପରେ ମୃତକଙ୍କ ପରିବାରକୁ ସହାୟତା ଦିଆଯିବ ବୋଲି କହିଥିଲେ।

# ଗାନ୍ଧୀ ଜୟନ୍ତୀରେ ସଫେଇ

କୋଲାବନଗର,୩।୧୦(ଡି.ଏନ୍.ଏ.):

କୋରାପୁଟ ସଦର ଅନ୍ତର୍ଗତ କୋଲାବନଗର ସ୍ଥିତ ପୂଜ୍ୟପୂଜା କମିଟି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କମିଟିର ସ୍ଥାୟୀ ସଭାପତି ଆଶିଷ ପାଢ଼ୀ, ସମ୍ପାଦକ ଦିବାକର ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେହିପରି କୋଲାବନଗର ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ହୋଇଥିଲା। ଖେଳ ଶିକ୍ଷକ ବାସୁଦେବ ରଥ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଶିଷ ପାଢ଼ୀଙ୍କ ତତ୍ତ୍ୱାବଧାନରେ ୧୧୦ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସର ତଥା ବିଭିନ୍ନ ରାସ୍ତାକଡ଼, ପଞ୍ଚାୟତ କାର୍ଯ୍ୟାଳୟ, ବଜାର ସଫେଇ କରାଯାଇଥିଲା।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ଜୟପୁର,୩।୧୦(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସହକାରୀ ଉଚ୍ଚ ବିଦ୍ୟାଳୟରେ ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଜୟପୁର ବନଖଣ୍ଡ ପକ୍ଷରୁ ଛାତ୍ର, ପୋଲିସ, ଜୁନିୟର ରେଡକ୍ରସ, ସ୍କାଉଟ ଗାଇଡ ଓ ଅନ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅହିଂସା, ବନ୍ୟଜନ୍ତୁ ସୁରକ୍ଷା, ପ୍ଲାଷ୍ଟିକମୁକ୍ତ ସମାଜ, ଚାରାରୋପଣ ଓ ସ୍ୱଚ୍ଛତା ସନ୍ଦେଶ ନେଇ ସହର ପରିକ୍ରମା କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜୟପୁର ଉପଖଣ୍ଡ ବନ ଅଧିକାରୀ ଅଶ୍ୱିନୀ କର ମୁଖ୍ୟ ଅତିଥି ଭାବେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ପ୍ରକାଶ ମିଶ୍ର, ଜୟପ୍ରକାଶ ଚନ୍ଦ୍ର ମିଶ୍ର, ଦୁର୍ଗା ପ୍ରସାଦ ପାତ୍ର, ନରେଶ ଷଡ଼ଙ୍ଗୀ, ଭଗବାନ ସାବତ, ଶୁଭସ୍ମିତା ସାହୁ, ରଶ୍ମିତା ନାହାକ, ସୁବର୍ଣ୍ଣ କୁମାରୀ ଖିଲ, ଏନ୍. ପଦ୍ମାବତୀ, ପ୍ରଭାତୀ ପାଣିଗ୍ରାହୀ, କେ. ପ୍ରମିଳା, ସନ୍ତୋଷିନୀ ପଣ୍ଡା, ହେମଲତା ଖେମୁଣ୍ଡୁ, ସୁଧା ପଟ୍ଟନାୟକ, ବେଦମତୀ ଦାସ ଉପସ୍ଥିତ ଥିଲେ।

# ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

ଜୟପୁର,୩।୧୦(ଡି.ଏନ୍.ଏ.)

ଜୟପୁର କଂଗ୍ରେସ ଭବନରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲାର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଭାଜପା ଶାସିତ କେନ୍ଦ୍ର ଓ ବିଜେଡି ଶାସିତ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନ କ୍ରମେ ଉପସଭାପତି ବିନୋଦ ମହାପାତ୍ର ଏହି ବୈଠକ ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, କୃଷ୍ଣଚନ୍ଦ୍ର ନେପାକ, ମନୋହର ବିଶୋୟୀ, ମଣି ପ୍ରସାଦ ପଟ୍ଟନାୟକ, ରାମଚନ୍ଦ୍ର ପାଢ଼ୀ, ନଳିନୀ ରଥ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପକ ତୁରୁକ, ପି. ଭେଙ୍କଟ, କୈଳାସ ଖୋସ୍‌ଲା, ତ୍ରିନାଥ ତ୍ରିପାଠୀ, ରବି ହିକ୍କା, ପି. ରମେଶ ପାତ୍ର, ଗୋପାଳ ମାଟାମ, ଅର୍ଜୁନ ମାଟାମ, ଅଜିତ ସାମନ୍ତରାୟ, ନରି ମହାନ୍ତି, ନିହାର ବିଶୋୟ, ସୁକାନ୍ତ ତ୍ରିପାଠୀ, ପିଙ୍କୁ ଶତପଥୀ, ସଞ୍ଜୁ ନାୟକ, ଏସ୍. ରାଜରତ୍ନମ, ରାମ ନାୟକ, ଶାନ୍ତିମଣି ନାୟକ ଉପସ୍ଥିତ ଥିଲେ।

## ରକ୍ତ ସଂଗ୍ରହରେ କୋରାପୁଟ ପୁରସ୍କୃତ

କୋରାପୁଟ,୩।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାକୁ ତୃତୀୟଥର ପାଇଁ ରକ୍ତ ସଂଗ୍ରହରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ରାତିରେ ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ପୁରସ୍କାର କୋରାପୁଟ ବ୍ଲଡ ବ୍ୟାଙ୍କର ଡାକ୍ତର ରତିକାନ୍ତ ଖଟୁଆଙ୍କୁ ପ୍ରଦାନ କରିଥିଲେ। ଏହା ସହ କୋରାପୁଟ ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାରଙ୍କୁ ରକ୍ତଦାନ ଓ ଏଥିପାଇଁ ଯବାନଙ୍କୁ ସଚେତନ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ପାଇଁ ଏହି ସମାରୋହରେ ପୁରସ୍କୃତ କରାଯାଇଛି । ଏଥିରେ ପଦ୍ମଶ୍ରୀ ପ୍ରକାଶ ରାଓ ଉପସ୍ଥିତ ଥିଲେ।

# ୨ ବାଲି ବୋଝେଇ ଟ୍ରକ୍ ଜବତ

**୨ଲକ୍ଷ ଜରିମାନା**

ଜୟପୁର,୩।୯(ଡି.ଏନ୍.ଏ.)

ଜୟପୁର ଉପଜିଲାପାଳ ଓ ତହସିଲଦାର ମିଳିତ ଭାବେ ସ୍ଥାନୀୟ ଘାଟବାଗରା କୋଲାବ ନଦୀଘାଟରୁ ୨ ବାଲି ବୋଝେଇ ଟ୍ରକ (ଓଆର ୧୦ବି ୫୦୭୩) ଏବଂ (ଓଡି ୧୦ ଏଚ ୩୩୪୯)କୁ ଜବତ କରିଛନ୍ତି। ରୟାଲଟି ସହ ଗୋଟିଏ ଟ୍ରକକୁ ୧ଲକ୍ଷ ୭୧୦ ଟଙ୍କା ଏବଂ ଅନ୍ୟ ଏକ ଟ୍ରକକୁ ୧ଲକ୍ଷ ୭୩୦ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାହ୍ନରେ ଉପଜିଲାପାଳ ଲୋକନାଥ ଦଳବେହେରା ଓ ତହସିଲଦାର ମାତାରାମ ଲିୟାଙ୍ଗି ମିଳିତ ଭାବେ ଚଢ଼ାଉ କରିଥିଲେ। ଉକ୍ତ ନଦୀଘାଟରୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରକ୍, ଟ୍ରାକ୍ଟରରେ କୋରାପୁଟ ଜିଲାର ଦାମନଯୋଡ଼ି, ସେମିଳିଗୁଡ଼ା, ଜୟପୁର ଅଞ୍ଚଳକୁ ବେଆଇନ ଭାବେ ଚାଲାଣ ହେଉଛି। ଉକ୍ତ ଦୁଇଟି ଜବତ ଟ୍ରକକୁ ସଦର ଥାନାକୁ ହସ୍ତାନ୍ତର କରାଯାଇଛି।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

ଜୟପୁର,୩।୧୦(ନି.ପ୍ର./ଡି.ଏନ୍.ଏ.)

ଜୟପୁରରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିପାଇଁ ଏକ ପଦଯାତ୍ରା ପୁରୁଣା ଦମକଳ କେନ୍ଦ୍ରରୁ ବାହାରି ରଜାନଅର ରାସ୍ତା ହୋଇ ଦଶହରା ପଡ଼ିଆରେ ପହଞ୍ଚିଥିଲା। ଏଠାରେ ଶତାଧିକ କର୍ମୀ ଓ ନେତା ବିଜେଡି ଏବଂ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟର ପ୍ରଚାର କରିଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ପ୍ରଥମ ସଭ୍ୟ ଭାବରେ ନିଜର ନାମ ପଞ୍ଜିକରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ୨୫ ପୃଷ୍ଠା ସମ୍ବଳିତ ପୁସ୍ତକ ଦଳର ସକ୍ରିୟ ସଭ୍ୟଙ୍କୁ ଦିଆଯାଇଥିଲା। ଏହାର ପ୍ରଥମ ପୃଷ୍ଠାରେ ସଭ୍ୟମାନେ ନିଜର ନାମ ପଞ୍ଜିକରଣ କରାଇବା ସହ ବାକି ୨୪ ଜଣଙ୍କୁ ଅନ୍ୟ ୨୪ ପୃଷ୍ଠାରେ ସାମିଲ କରିବେ।

# ତଦନ୍ତରେ ଡିଏଫ୍‌ଓଙ୍କ ନିରବତା ନେଇ ପ୍ରଶ୍ନବାଚୀ

ଜୟପୁର,୩।୧୦(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ମହିଳା ବିକାଶ ସଂଗଠନ ସ୍ଥାନୀୟ ଫରେଷ୍ଟରଙ୍କ ବିରୋଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ନେଇ ଜୟପୁର ବନାଞ୍ଚଳ ଡିଏଫ୍‌ଓଙ୍କ ନିକଟରେ ଫେରାଦ ହୋଇଥିଲେ। ଡିଏଫ୍‌ଓ ତଦନ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ମାସେ ଯାଏ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଶେଷରେ ସମିତି ସଦସ୍ୟା କୋରାପୁଟସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଆରସିସିଏଫଙ୍କ ପକ୍ଷରୁ ତଦନ୍ତ ପାଇଁ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଡିଏଫଓ ଏହାର ତଦନ୍ତ କରିନାହାନ୍ତି କି କାହାକୁ ଦାୟିତ୍ୱ ଦେଇନାହାନ୍ତି।

ମହିଳା ବିକାଶ ସଂଗଠନ ପ୍ରଥମେ ଡିଏଫଓ, ଏହାର ଏକ ମାସ ପରେ ଆରସିସିଏଫଙ୍କୁ ଲିଖିତ ଭାବେ ଜଣାଇଥିଲେ ଯେ, ଜୟପୁର ବନାଞ୍ଚଳର କୁନ୍ଦୁରା ବ୍ଲକର ଲିମା ବିଟ୍‌ର ଫରେଷ୍ଟର ବିରେନ୍ଦ୍ର ପାଢ଼ୀ ୫ ବର୍ଷ ହେଲାଣି ଏଠାରେ କାର୍ଯ୍ୟରତ ଅଛନ୍ତି । ଦାୟିତ୍ୱ ନେବା ଦିନରୁ କେରମିଟି, କେନ୍ଦୁଗୁଡ଼ା, କାଉପଦର ସଂରକ୍ଷିତ ଜଙ୍ଗଲରେ ବନୀକରଣ କରାଯାଇଥିବା ଆକାଶିଆ ଓ ନୀଳଗିର ଗଛ ଅବାଧ ଭାବେ କଟାଯାଇ ବିକ୍ରି କରାଯାଉଛି । ଅନ୍ୟ ଜଙ୍ଗଲ ଗଛ କଟାଯାଇ ରାତାରାତ ଚୋରି ହେଉଛି। କିନ୍ତୁ ସେ ନିଜ କର୍ମସ୍ଥାନରେ ନ ରହି କୋରାପୁଟରେ ରାତ୍ରିଯାପନ କରୁଛନ୍ତି। ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ଗୃହ କଂକ୍ରିଟ୍ କରିବାକୁ ନିୟମ ଥିବାବେଳେ ଗମକାପଦରରେ ସମିତିର କାର୍ଯ୍ୟାଳୟ ଟିଣଛପର କରାଯାଇଛି । ତୁରନ୍ତ ଏହାର ତଦନ୍ତ କରାଯାଇ ଫରେଷ୍ଟରଙ୍କୁ ବଦଳି କରିବାକୁ ଦାବି ହୋଇଥିଲା। ଡିଏଫଓ ଅଶ୍ୱିନୀ କର କହିଛନ୍ତି, ଏନେଇ ଆରସିସିଏଫଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଦାୟିତ୍ୱ ଏସିଏଫଙ୍କୁ ଦିଆଯିବ । ସମସ୍ତ ଅଭିଯୋଗର ସେ ତଦନ୍ତ କରିବେ । ଫରେଷ୍ଟରଙ୍କ ବଦଳି ଦାବି ନେଇ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ।

## ଗଜପତି ଜିଲା ଖବର

# ଆମ୍ବୁଲାନ୍ସରେ ପ୍ରସବ କଲେ ଗର୍ଭବତୀ

କାଶୀନଗର,୩।୧୦(ଡି.ଏନ୍.ଏ.)

କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ଡାକ୍ତରଙ୍କ ଅବହେଳା ଯୋଗୁ ଜଣେ ଗର୍ଭବତୀ ଆମ୍ବୁଲାନ୍ସରେ ପ୍ରସବ କରିଛନ୍ତି। ସ୍ଥାନୀୟ ୭ନଂ ୱାର୍ଡ ଅଞ୍ଚଳର ତପସ୍ୱିନୀ ମହାପାତ୍ରଙ୍କ ସହ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ପ୍ରକାଶ ଯେ, ତପସ୍ୱିନିଙ୍କ ଗର୍ଭ ଯନ୍ତ୍ରଣା ଯୋଗୁ ସେ ସ୍ୱାମୀଙ୍କ ସହ ଅପରାହ୍ନରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏହି ସମୟରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ଉମାଶଙ୍କର ଦଲାଲ୍ ଉପସ୍ଥିତ ଥିବା ଯୋଗୁ ତାଙ୍କ ସହ ପରାମର୍ଶ କରିଥିଲେ। ତେବେ ସେ ରାତିରେ ହେଡ୍‌କ୍ୱାର୍ଟରରେ ନ ରହି ପାରଳାଖେମୁଣ୍ଡିରେ ରହୁଥିବାରୁ ତପସ୍ୱିନିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ଲାଭ ନାହିଁ ବୋଲି ଡା. ଦଲାଲ୍ କହିଥିଲେ। ଏପରିକି ସେ ଗୁରୁବାର ପାରଳାଖେମୁଣ୍ଡିରୁ ଆସିବାପରେ ଦେଖିବେ ବୋଲି ମଧ୍ୟ ଡାକ୍ତର କହିଥିଲେ। ଫଳରେ ଡାକ୍ତରଙ୍କ ପରାମର୍ଶ ମାନି ସ୍ୱାମୀଙ୍କ ସହ ଘରକୁ ଫେରିଥିଲେ। ଏହାପରେ ସେ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚକିତ୍ସାଳୟକୁ ନିଆଯାଉଥିଲା। ହେଲେ ରାସ୍ତାରେ ଆମ୍ବୁଲାନ୍ସରେ ହିଁ ମହିଳା ପ୍ରସବ କରିଥିଲେ। ଟାଉନ୍ ବିଜେଡି ସଭାପତି ରଘୁରାମ ସାହୁ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ସହ ଆଲୋଚନା କରିବାପରେ ସେ ଭୁଲ ସ୍ୱୀକାର କରିଥିବା ମଧ୍ୟ ସାହୁ ସୂଚନା ଦେଇଛନ୍ତି।

# ୧୫୦ତମ ଗାନ୍ଧୀ ଜୟନ୍ତୀ



ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କାଶୀନଗର,୩।୧୦(ଡି.ଏନ୍.ଏ.)

ସ୍ଥାନୀୟ ଟାଟା କଲୋନୀସ୍ଥିତ ବାରଣାସୀ ବିଦ୍ୟାଳୟରେ ବୁଧବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏଡିଇଓ ମନୋରଞ୍ଜନ ଦଲେଇ ଯୋଗ ଦେଇଥିବାବେଳେ ଏବିଇଓ ଜେ. କାରେୟା, ସିଆର୍‌ସିସି ବି. ଗୋପାଳ ରାଓ, ଶିକ୍ଷକ କାଳି ପ୍ରସାଦ ବିହାରୀ, ମୁଖ୍ୟବକ୍ତାଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ଯୋଗ ଦେଇଥିବାବେଳେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସରିତା ସୁଦିଆଲୁ, ଶିକ୍ଷକ ଉଦୟ ଲିମା, ଜିତେନ୍ଦ୍ର ସୁଦିଆଲୁ ଯୋଗଦେଇ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ମନେ ପକାଇଥିଲେ। ସେହିପରି ରବି ସୁଦିଆଲୁଙ୍କ ପ୍ରଥମ ବାର୍ଷିକ ଉପଲକ୍ଷେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ୨୧କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ କେ. ରାମବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

